# ମଦ ହୋମ୍ ଡେଲିଭରୀକୁ ବିରୋଧ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**କଟକ,୨୧।୫/ଏନ୍ଏନ୍ଏସ୍:** ଗୋଟିଏ ପଟେ ସରକାର ନିଶା ନିବାରଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ଅନ୍ୟପଟେ ମଦ ହୋମ୍ ଡେଲିଭରି ପାଇଁ ସୁଯୋଗ ଦେବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ କୁହାଯାଇଛି । ତେବେ ସରକାର ଏଭଳି ନିଷ୍ପତ୍ତିରୁ ଓହରିଯିବା ସହିତ ସମ୍ପୂର୍ଣ୍ଣ ମଦ ବନ୍ଦ ଦାବିରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଲକ୍‌ଡାଉନ ପରିପ୍ରେକ୍ଷୀରେ ଦୀର୍ଘଦିନ ଧରି ମଦଦୋକାନ ବନ୍ଦ ରହିଥିବାବେଳେ ଜନସାଧାରଣଙ୍କର ବିଶେଷ କ୍ଷତି ହୋଇନାହିଁ । ବରଂ ବହୁ ପରିବାର ଶାନ୍ତିରେ ରହିବାର ସୁଯୋଗ ପାଇଛନ୍ତି । ନାରୀ ନିର୍ଯାତନ ଓ ବ୍ୟଭିଚାର ବୃଦ୍ଧି ପାଇନାହିଁ । ରାଜ୍ୟରେ ହତ୍ୟା, ଡକାୟତି, ବଳାତ୍କାର ଓ ଘରୋଇ ହିଂସା ମଧ୍ୟ ହ୍ରାସ ପାଇଛି । ତେଣୁ ନିଶା ହିଁ ସମସ୍ତ ଅପରାଧର ମୂଳ କାରଣ ହୋଇଥିବାରୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଦୀର୍ଘ ୮ବର୍ଷ ଧରି ମଦ ବନ୍ଦ କରିବାକୁ ଦାବି ହୋଇଆସୁଛି । ହେଲେ ସମ୍ପ୍ରତି ଲକ୍‌ଡାଉନ ପରିସ୍ଥିତିରେ ସରକାର ହୋମ୍ ଡେଲିଭରି କରିବାକୁ ନିଷ୍ପତ୍ତି ନେବା ନିନ୍ଦନୀୟ । ପୁନଶ୍ଚ ଓଡ଼ିଶା ଭଳି ଏକ ଗରୀବ ରାଜ୍ୟରେ ଏହା ଦ୍ୱାରା




ବ୍ୟାପକ କ୍ଷତି ହେବ । ତେଣୁ ସରକାର ଏଥିରୁ ଓହରିଯିବା ପାଇଁ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସମ୍ପାଦକ ରମାକାନ୍ତ ମଣ୍ଡଳ, ରେଣୁକା ସାହୁ, ଇନ୍ଦୁମତୀ ସାହୁ, ସୁପ୍ରିୟା ନାୟକ, ନିରଞ୍ଜନ ସାହୁ, ଚତୁର୍ଭୁଜ ନାୟକ, ବିଜୟିନୀ ଚୌଧୁରୀ, ମାଳତୀ ପାତ୍ର ପ୍ରମୁଖ ଦାବି କରିଛନ୍ତି ।